
ଡାବୁଗାଁର ଏକ ବୁଥ୍‌ରେ ଭୋଟରଙ୍କ ଲମ୍ବାଧାଡ଼ି।


ରାଇଘରଠାରେ ଭୋଟରମାନେ ପରିଚୟପତ୍ର ଦେଖାଉଛନ୍ତି।


କୋଷାଗୁମୁଡାର ବରଙ୍ଗା ବୁଥ୍‌ରେ ବିଳମ୍ବିତ ରାତିରେ ଭୋଟଦେବା ପାଇଁ ଭୋଟରଙ୍କ ଭିଡ଼।


ପାପଡାହାଣ୍ଡିଠାରେ ମହିଳାମାନେ ଭୋଟଦେବାକୁ ଯାଉଛନ୍ତି।


ଜଣେ ମହିଳା ଶିଶୁକୁ ଧରି ଭୋଟ ଦେବାକୁ ଯାଉଛନ୍ତି।


ଝରିଗାଁରେ ଜଣେ ଦିବ୍ୟାଙ୍ଗଙ୍କୁ ବୁଥ୍‌କୁ ନିଆଯାଉଛି।


ଜଣେ ବୃଦ୍ଧଙ୍କୁ ହ୍ୱିଲ୍ ଚେୟାରରେ ବୁଥ୍‌କୁ ନିଆଯାଉଛି।

## ୨ ବୁଥରେ ରାତି ୧୦ଟା ପର୍ଯ୍ୟନ୍ତ ମତଦାନ

**ଡାବୁଗାଁ, ୧୧।୪ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ନିର୍ବାଚନ ଗୁରୁବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ଡାବୁଗାଁ ବ୍ଲକ ଅଧୀନ ମୋଟ ୫୪ ଟି ବୁଥରେ ମତଦାନ ଅନୁଷ୍ଠିତ ହୋଇଛି। ଏଠାରେ ୮୨ ପ୍ରତିଶତ ମତଦାନ ହୋଇଛି। ତେବେ ରାତି ୮ଟା୩୦ ସୁଦ୍ଧା ୪୯ ଟି ବୁଥରେ ମତଦାନ ଶେଷ ହୋଇଥିବା ବେଳେ ୫ ଟି ବୁଥରେ ମତଦାନ ଚାଲିଥିଲା। ମୁଣ୍ଡିଗୁଡା, ନନ୍ଦପୁରା ଓ ମେଣ୍ଡ୍ରା ବୁଥରେ ରାତି ୯ଟା ୩୦ ପର୍ଯ୍ୟନ୍ତ ମତଦାନ ହୋଇଥିଲା । ସେହିପରି ବୋରିଗାଁ, ପାରିଆବେଡାରେ ୧୦ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା । ମେଣ୍ଡ୍ରା ବୁଥରେ ଇଭିଏମରେ ତ୍ରୁଟି ଥିବାରୁ ୧ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା । ସକାଳ ୫ଟା୩୦ ସମୟରୁ ଭୋଟର ମାନେ ମତଦାନ କେନ୍ଦ୍ର ନିକଟରେ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ଦିବ୍ୟାଙ୍ଗ ଭୋଟର ମାନେ ମତଦାନ କରିଥିବା ଦେଖିବାକୁ ମିଳିଛି । ଶାନ୍ତି ଶୃଙ୍ଖଳା ସହ ମତଦାନ ହୋଇଛି । ଚଳିତ ନିର୍ବାଚନରେ ପୁରୁଷ ମାନଙ୍କ ଠାରୁ ଅଧିକ ମହିଳା ଭୋଟର ମାନେ ମତଦାନ କରିଛନ୍ତି।

# ନବରଙ୍ଗପୁର ଜିଲାରେ ୭୦ ପ୍ରତିଶତ ମତଦାନ

- ୨୨ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ
- କେତେକ ବୁଥରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମତଦାନ

**ନବରଙ୍ଗପୁର,୧୧।୪(ବି.ପ୍ର.)**

ନବରଙ୍ଗପୁର ଜିଲାର ୪ଟି ବିଧାନସଭା ଆସନ ଓ ନବରଙ୍ଗପୁର ଲୋକସଭା ଆସନ ପାଇଁ ଗୁରୁବାର ଶାନ୍ତିଶୃଙ୍ଖଳାର ସହ ମତଦାନ ଗ୍ରହଣ କରାଯାଇଛି। ଏଥିସହ ୨୨ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଛି। କଂଗ୍ରେସ ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝି ତାଲିଆମ୍ବା ବୁଥରେ ମତ ଦାନ କରିଛନ୍ତି । ସେହିଭଳି ବିଜେଡି ଲୋକସଭା ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାନସଭା ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ମାଝି ତାଙ୍କ ନିଜ ଗାଁ ଦଣ୍ଡାମୁଣ୍ଡା ବୁଥ ଓ ଭାଜପା ଲୋକସଭା ପ୍ରାର୍ଥୀ ବଳଭଦ୍ର ମାଝୀ ଲୁଧିପଡା ବୁଥରେ ମତଦାନ କରିଛନ୍ତି। ଜିଲାରେ ରାତି ୯ଟା ସୁଧା ୭୦ ପ୍ରତିଶତ ମତଦାନ ହୋଇଛି। ତେବେ କେତେକ


ନବରଙ୍ଗପୁରର ଏକ ମତଦାନ କେନ୍ଦ୍ରରେ ଭୋଟରମାନେ ଧାଡିରେ ଠିଆ ହୋଇଛନ୍ତି।

କେନ୍ଦ୍ରରେ ମତଦାନ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁଥିବାର ଭୋଟ ପ୍ରତିଶତ ବଢିବ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି । ନବରଙ୍ଗପୁର ବ୍ଲକ ବଡମସିଗାଁ ବୁଥରେ ଇଭିଏମର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅପରାହ୍ନ ସାଢେ ୪ଟାରୁ ୬ଟା ପର୍ଯ୍ୟନ୍ତ ଭୋଟର ଲମ୍ବା ଧାଡିରେ ରହି ମତଦାନ ପାଇଁ ଅପେକ୍ଷା କରି ରହିଥିଲେ । କୋଷାଗୁମୁଡା ବ୍ଲକର ବରଗାଁ ବୁଥ ନଂ.୨୨ରେ ରାତି ୯ଟା ପର୍ଯ୍ୟନ୍ତ ୨୦୦ ଭୋଟର ମତଦାନ କରିବାକୁ ଥିବାରୁ ସେଠାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମତଦାନ ଚାଲିଥିଲା। କେତେକ ସ୍ଥାନରେ ଇଭିଏମ ଗୁଡିକର ଯାନ୍ତ୍ରୀକ ତ୍ରୁଟି ଯୋଗୁ ତୁରନ୍ତ ମରାମତି କରାଯାଇ ମତଦାନ ଆରମ୍ଭ ହେଉଥିଲା । ଜିଲାର ୬୦ଟି ଆଦର୍ଶ ବୁଥକୁ ବହୁ ଆଡମ୍ବର ସହ ସଜାଯିବା ସହ ପିଇବା ପାଣି ବ୍ୟବସ୍ଥା, ଦିବ୍ୟାଙ୍ଗ ମାନଙ୍କ ପାଇଁ ହ୍ୱିଲ ଚେୟାର ଓ ସେମାନଙ୍କୁ ବୁଥ ପର୍ଯ୍ୟନ୍ତ ନେବାକୁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଥିଲା। ସେହିପରି ଗର୍ଭବତୀ ଓ ବରିଷ୍ଠ ନାଗରିକଙ୍କୁ ସୁବିଧା ଯୋଗାଇ ଦିଆଯାଇଥିଲା ।

## ଭୋଟରଙ୍କ ମତାମତ



“ଏଥର ନିର୍ବାଚନରେ ଦିବ୍ୟାଙ୍ଗଙ୍କ ପାଇଁ ବହୁ ସୁବିଧା ହୋଇଛି। ମତଦାନ କେନ୍ଦ୍ର ପର୍ଯ୍ୟନ୍ତ ହ୍ୱିଇଲ ଚେୟାରରେ ନେବା ସହ ଆଣି ଛାଡିଥିଲେ। ପୂର୍ବ ନିର୍ବାଚନରେ ଏଭଳି ବ୍ୟବସ୍ଥା ନ ଥିଲା ।

**-ମକର ହରିଜନ, ଦିବ୍ୟାଙ୍ଗ, ତୋଟାସାହି**

“ନିର୍ବାଚନ ପରିଚାଳନା ବହୁ ଶାନ୍ତି ଶୃଙ୍ଖଳାର ସହ ହୋଇଛି। ଇଭିଏମ ମାଧ୍ୟମରେ ମତଦାନ ଗ୍ରହଣ ଓ ଭିଭିପିଏଟ ମାଧ୍ୟମରେ ଆମେ କାହାକୁ ମତଦାନ କଲୁ ତାହା ଜାଣି ପାରୁଛୁ । ନିର୍ଭୁଲ ମତଦାନ ସହ ଠିକ ବ୍ୟବସ୍ଥା ହୋଇଛି।

**– ପବିତ୍ର ମୋହନ ସାଧୁ, ବରିଷ୍ଠ ନାଗରିକ, ଡି.ବେହେରାଗୁଡା**

“ପୂର୍ବ ନିର୍ବାଚନରେ ଦିବ୍ୟାଙ୍ଗ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ଏଥର ସମସ୍ତ ବୁଥରେ ହ୍ୱିଇଲ ଚେୟାର ବ୍ୟବସ୍ଥା କରାଯାଇଛି। ଏଥିସହ ଦିବ୍ୟାଙ୍ଗ ଭୋଟରଙ୍କୁ ସ୍ୱେଚ୍ଛାସେବୀମାନେ ସାଥିରେ ନେଇ ମତଦାନ କେନ୍ଦ୍ରରୁ ପୁଣି ବାହାରକୁ ଆଣି ଛାଡିଛନ୍ତି। ମତଦାନ କେନ୍ଦ୍ରରେ ମଧ୍ୟ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନେ ମଧ୍ୟ ସହଯୋଗ କରିଛନ୍ତି। ଏଭଳି ବ୍ୟବସ୍ଥାକୁ ନେଇ ଖୁସି ଲାଗୁଛି।

**– ସୁଜିତ କୁମାର ରଥ, ଜିଲା ଭିନ୍ନକ୍ଷମ ସଂଘ ସଭାପତି**

## ରାଇଘରରେ ୭୩ ପ୍ରତିଶତ ମତଦାନ


କାଳବୈଶାଖୀରେ ରାଇଘରଠାରେ ବୁଥ୍‌କୁ ଯିବା ରାସ୍ତାରେ ପଡିଥିବା ଗଛକୁ କଟାଯାଉଛି।

**ରାଇଘର,୧୧।୪(ଡି.ଏନ.ଏ)**

ରାଇଘର ବ୍ଲକରେ ୧୪୫ ବୁଥରେ ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସୁରକ୍ଷାକୁ ନଜରରେ ରଖି ରାଇଘର ଓ ଛତିଶଗଡ ରାସ୍ତାକୁ ପୋଲିସ ସିଲ କରିଥିଲା। ରାତି ୭ଟା ୩୦ ସୁଦ୍ଧା ୭୩ ପ୍ରତିଶତ ମତଦାନ ହୋଇଥିଲା। କେତେକ ମତଦାନ କେନ୍ଦ୍ରରେ ଇଭିଏମରେ ତ୍ରୁଟି ଥିବାରୁ ମତଦାନ ବିଳମ୍ବିତ ହୋଇଥିଲା। ମତଦାନ ସମୟରେ କାଳବୈଶାଖୀ ହେବାରୁ ଏକ ଗଛ ପଡିଯିବାରୁ ରାଇଘର ପଞ୍ଚାୟତ ଖୁଟୁଗାଁ ବୁଥକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତୁରନ୍ତ ଅଗ୍ନିଶମ ବାହିନୀ ପହଞ୍ଚି ଗଛକୁ ହଟାଇଥିଲେ। ମାଓବାଦୀ ପ୍ରବଣ ଅଞ୍ଚଳ ଖିଲୋରି, ବୁରୁଖାମଦଲି, ଖୁଡୁଙ୍ଗ, ହାତିଗାଁ, ଦିନେଇପୁର, ଗୋନା, ହଳଦୀ, ମୁଣ୍ଡିଗୁଡା ବୁଥରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ସେଠାରେ ୪ଟା ସୁଦ୍ଧା ମତଦାନ ଶେଷ ହେବା ସହ ପୋଲିଂ କର୍ମଚାରୀ ରାଇଘର ବ୍ଲକରେ ପହଞ୍ଚି ରିପୋର୍ଟିଂ କରିଥିଲେ। ନାକଟିସିଙ୍ଗୁଡା ବୁଥରେ ସନ୍ଧ୍ୟା ୬ଟା ୧୦ ସୁଦ୍ଧା ୩୦୦ ଭୋଟର ଥିବାରୁ ସେଠାରେ ରାତି ୯ଟା ୪୫ ପର୍ଯ୍ୟନ୍ତ ମତଦାନ ହୋଇଥିଲା।

## ଇଭିଏମ ଖରାପ, ମତଦାନରେ ବିଳମ୍ବ

**ପାପଡାହାଣ୍ଡି,୧୧।୪(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନ ମଣ୍ଡଳୀର ପାପଡାହାଣ୍ଡି ବ୍ଲକରେ ୧୧୩ ଟି ବୁଥରେ ଗୁରୁବାର ଶାନ୍ତିପୂର୍ଣ ଭାବେ ମତଦାନ ଶେଷ ହୋଇଛି । ସନ୍ଧ୍ୟା ୭ଟା ସୁଦ୍ଧା ୬୨ ପ୍ରତିଶତ ମତଦାନ ହୋଇଥିବା ବ୍ଲକ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି । ସକାଳ ୬.୩୦ ଟା ରୁ ବୁଥ ଗୁଡିକରେ ମତଦାନ କରିବା ପାଇଁ ଭୋଟରଙ୍କ ପ୍ରବଳ ଭିଡ଼ ଜମିଥିଲା । ଲୋକେ ପ୍ରବଳ ଖରାକୁ ଖାତିରି ନ କରି ବୁଥ ନିକଟରେ ପହଞ୍ଚି ଥିଲେ । ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ହ୍ୱିଇଲ ଚେୟାରର ବ୍ୟବସ୍ଥା କରାଯାଇଥିଲା। ବହୁ ସ୍ଥାନରେ ନିର୍ଦ୍ଧାରିତ ସମୟ ପରେ ବି ଭୋଟର ମାନେ ଅପେକ୍ଷା କରି ମତଦାନ କରିଥିଲେ । ତେବେ ବ୍ଲକର ସେମଲା, ଦଳେଇଗୁଡ଼ା, ଜଟାବାଳ, ପାପଡାହାଣ୍ଡି ବୁଥ ନମ୍ବର ୮, ଟିକରାପାଲା, ମୋକିଆ, ଏକୋରି, ପିତାରିଗୁଡା ଛାଲିପିଟା, ଖଇରା -୨,ସୁନା ପାଳପୁର, ରାଉଲିଗୁଡା, ଚାନ୍ଦିଲି ଆଦି ସ୍ଥାନରେ ଇଭିଏମ ଖରାପ ଯୋଗୁଁ ମତଦାନରେ ବିଳମ୍ବ ହୋଇଥିଲା। ସେକ୍ଟର ଅଧିକାରୀ ମାନେ ପହଞ୍ଚି ଇଭିଏମ ସଜାଡିବା ପରେ ମତଦାନ ହୋଇଥିଲା। ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡ଼ିଓ ରଞ୍ଜିତା ମାଲିକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ହୋଇଥିଲା ।

## ୩୮ ବୁଥର ଇଭିଏମରେ ତ୍ରୁଟି, ବିଳମ୍ବରେ ମତଦାନ

**ଝରିଗାଁ,୧୧।୪(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ନିବାଚନ ମଣ୍ଡଳୀ ପାଇଁ ଗୁରୁବାର ଭୋଟ ଗ୍ରହଣ ହୋଇଛି। ମୋଟ ୮୨ .୩୬ ପ୍ରତିଶତ ଭୋଟ ହୋଇଛି। ଭୋଟରଙ୍କ ଲମ୍ବା ଧାଡି ଯୋଗୁ କେତେକ କେନ୍ଦ୍ରରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା। ଝରିଗାଁ ବ୍ଲକ ସଦର ମହକୁମାରେ ରହିଥିବା ବୁଥ ନଂ ୧୫୯ ଏବଂ ୧୬୦ରେ ସକାଳ ୫ଟା୩୦ରୁ ଭୋଟର ମାନେ ଆସି ଭୋଟ ଦେବା ନେଇ ଭିଡ ଦେଖାଦେଇଥିଲା। ସେହିପରି ଝରିଗାଁ ବୁଥ୍ ନଂ ୧୬୪ ତାଲିଆମ୍ବା ଭୋଟ ଗ୍ରହଣ କେନ୍ଦ୍ରରେ କଂଗ୍ରେସ ଏମପି ପ୍ରାର୍ଥୀ ପ୍ରଦୀପ ମାଝୀ ଭୋଟ ଦେଇଛନ୍ତି। ଝରିଗାଁ ବ୍ଲକର ୧୧୭ ବୁଥରେ ରହିଥିବା ୮୭୧ ଜଣ ଭିନ୍ନକ୍ଷମଙ୍କ ସକାଶେ ନିଜ ଘର ଠାରୁ ଭୋଟ ଗ୍ରହଣ


ଝରିଗାଁର ଏକ ମତଦାନ କେନ୍ଦ୍ରରେ ଭୋଟରଙ୍କ ଭିଡ଼।

କେନ୍ଦ୍ର ନିକଟକୁ ଯାତାୟତ କରିବା ସହ ଭୋଟ ଦେବା ନେଇ ୧୫ଟି ଅଟୋ ଏବଂ ୧୧୭ଟି ହୁଇଲ ଚେୟାରର ବ୍ୟବସ୍ଥା କରାଯାଇଥିଲା। ମତଦାନ ଗ୍ରହଣ ପୂର୍ବରୁ ଏବଂ କିଛି କେନ୍ଦ୍ରରେ ମତଦାନ ଚାଲିଥିବା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ୩୮ଟି ବୁଥରେ ବିଳମ୍ବ ସମୟରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଝରିଗାଁ ବ୍ଲକର ବୁଥ ନଂ ୨୦୭ ନୁଆଗୁଡା ଠାରେ ଯାନ୍ତ୍ରୀକ ତ୍ରୁଟି ଯୋଗୁଁ ପ୍ରାୟ ୨ ଘଣ୍ଟା ୨୦ ମିନିଟ୍ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଝରିଗାଁ ବ୍ଲକର ଶଣ୍ଡସା ବୁଥ ନଂ ୨୦୨ ରେ ରାତି ୧୦ଟା ୪୦ରେ ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଝରିଗାଁ ବ୍ଲକର ଜଣେ ଯୁବକ ବୁଥ୍ ନଂ ୧୫୩ ଏବଂ ୨୧୧ରେ ଭୋଟ ଦେଇଥିବା ନେଇ ସମ୍ପୃକ୍ତ ପଞ୍ଚାୟତର ଲୋକେ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବା ଦେଖାଦେଇଛି।

## ୨ ବୁଥରେ ପଡିଲାନି ଗୋଟିଏ ବି ଭୋଟ


ମତଦାନ କେନ୍ଦ୍ରରେ ପୋଲିଂ କର୍ମଚାରୀ ବସି ରହିଛନ୍ତି।


ଭୋଟ ଦେବା ପାଇଁ ଲୋକମାନଙ୍କୁ ବିଡ଼ିଓ ବୁଝାଶୁଝା କରୁଛନ୍ତି।

**ନବରଙ୍ଗପୁର/ପାପଡାହାଣ୍ଡି, ୧୧।୪(ବି.ପ୍ର/ଡି.ଏନ.ଏ)**

ନବରଙ୍ଗପୁର ଜିଲାର ୨ଟି ବୁଥରେ ଗୁରୁବାର ଗୋଟିଏ ବି ଭୋଟ ପଡିନି। ପାପଡାହାଣ୍ଡି ବ୍ଲକର ବୁଥ ନଂ ୧୧୦ ଓ ନନ୍ଦାହାଣ୍ଡି ବ୍ଲକର ବୁଥ ନଂ ୨୦୪ରେ ଗ୍ରାମବାସୀ ମତଦାନ କରି ନାହାନ୍ତି। ଦୀର୍ଘ ଦିନ ଧରି ସେମାନଙ୍କ ସମସ୍ୟା ସମାଧାନ ହୋଇ ନ ଥିବାରୁ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର କଣ୍ଟାମାଳ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ମତଦାନ କେନ୍ଦ୍ର ବୁଥ ନଂ ୧୧୦ରେ ଗ୍ରାମବାସୀ ମତଦାନ କରି ନଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଇ ନ ଥିବାରୁ ଏହାର ପ୍ରତିବାଦରେ କଣ୍ଟାମାଳ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ପୋଲିଂ କର୍ମଚାରୀଙ୍କ କହିବା ଅନୁଯାୟୀ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ମତଦାନ କେନ୍ଦ୍ର ଖୋଲା ରହିଥିଲା , କିନ୍ତୁ କେହି ଜଣେ ବି ଆସି ମତଦାନ କରି ନ ଥିଲେ। କଣ୍ଟାମାଳ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିକଟସ୍ଥ ରଣ୍ଡାଗୁଡାଠାରେ ଏକ ଅସ୍ଥାୟୀ ଘରେ ରହିଛି । ଗ୍ରାମବାସୀ ଦୀର୍ଘଦିନ ହେଲା କଣ୍ଟାମାଳ ଠାରେ ପଞ୍ଚାୟତ ଗୃହ ନିର୍ମାଣ ଲାଗି ଦାବି କରି ଆସୁଛନ୍ତି । ଏପରିକି ଗ୍ରାମବାସୀ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ବି କଣ୍ଟାମାଳଠାରେ କାର୍ଯ୍ୟାଳୟ ନିର୍ମାଣ ଲାଗି ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଇ ନ ଥିଲା। ଏହାର ପ୍ରତିବାଦରେ ଗ୍ରାମବାସୀ ଭୋଟ ବର୍ଜନ ଲାଗି ଚେତାବନୀ ଦେଇଥିଲେ। କିଛି ଦିନ ତଳେ ଏହି ସମସ୍ୟା ନେଇ ଶତାଧିକ ମହିଳା ଓ ପୁରୁଷ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ତଥାପି ପ୍ରଶାସନ ତରଫରୁ କିଛି ପଦକ୍ଷେପ ନିଆଯାଇନଥିଲା । ଲୋକଙ୍କ ଅଭିଯୋଗ ଅନୁଯାୟୀ ପଞ୍ଚାୟତ କାର୍ଯ୍ୟାଳୟ ନଥିବାରୁ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୭ ବର୍ଷ ହେଲା ପଞ୍ଚାୟତ ଗଠନ ହେଲାଣି। ୧୧ ୱାର୍ଡର ଲୋକେ ଦୀର୍ଘ ଦିନ ହେଲା ଭୋଟ ଦେଇ ଆସୁଛନ୍ତି । କାର୍ଯ୍ୟାଳୟ ନଥିବାରୁ ଗ୍ରାମସଭା ଏଠି ସେଠି କରାଯାଉଛି। ଲୋକେ ଚାଉଳ ଏଠି ସେଠି ପାଉଛନ୍ତି । ବୃଦ୍ଧ ବୃଦ୍ଧା ମାନେ ଗଛ ତଳେ ଭତ୍ତା ପାଉଛନ୍ତି । ଲୋକେ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ ହୋଇ ପାରୁନାହାନ୍ତି। ସମସ୍ୟାର ସମାଧାନ ହୋଇ ନ ଥିବାରୁ ଭୋଟ ବର୍ଜନ କରିଛୁ।

ସେହିପରି ନନ୍ଦାହାଣ୍ଡି ବ୍ଲକର ପଖନାଗୁଡା ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ପଖନାଗୁଡାର ବୁଥ ନଂ ୨୦୪ରେ ଇଭିଏମରେ ଗୋଟିଏ ବି ମତଦାନ ହୋଇ ନ ଥିଲା। ଏନେଇ ବିଡିଓ କର୍ଣ୍ଣଦେବ ସମାଦାର ଗ୍ରାମବାସୀଙ୍କ ସହ ଆଲୋଚନା କରି ଭୋଟ ଦେବା ପାଇଁ ବୁଝାସୁଝା କରିଥିଲେ । କିନ୍ତୁ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଥିଲେ। ଗ୍ରାମର ମୋଟ ୩୮୮ ଭୋଟର ଭୋଟ ବର୍ଜନ କରିଥିଲେ । ପକ୍କା ରାସ୍ତା, ଅଙ୍ଗନୱାଡି କେନ୍ଦ୍ର ଉନ୍ନତୀକରଣ ପାଇଁ ପଖନାଗୁଡା ଗ୍ରାମବାସୀ ୧୫ ବର୍ଷ ହେବ ଦାବି କରି ଆସୁଛନ୍ତି । ରାସ୍ତା ନ ଥିବାରୁ ବର୍ଷା ଦିନେ ଗାଁକୁ ଆମ୍ବୁଲାନ୍ସ, ଗାଡି ମୋଟର ଯାତାୟାତ କରି ପାରୁ ନାହାଁନ୍ତି । ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଗ୍ରାମବାସୀଙ୍କ ଦାବି ପ୍ରତି ଲୋକ ପ୍ରତିନିଧି ଓ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆ ଯାଇନଥିବାରୁ ଭୋଟ ବର୍ଜନ କରିଛନ୍ତି।




## ସଂକ୍ଷେପରେ

### ରାତି ୮ଟା ପର୍ଯ୍ୟନ୍ତ ଚାଲିଲା ମତଦାନ

ଚିତ୍ରକୋଣ୍ଡା,୧୧।୪(ଡି.ଏନ.ଏ.)- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଚିତ୍ରକୋଣ୍ଡାର ଦୋରାଗୁଡା ଆରଏସସି-୬ନମ୍ବର, ନୂଆଗୁଡା ଆରଏସସ-୧୧ ଏବଂ ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭିଭିପାଟରେ ତ୍ରୁଟି ଯୋଗୁ ଭୋଟ ଗ୍ରହଣ ରାତି ୮ଟା ପର୍ଯ୍ୟନ୍ତ ଚାଲିଥିଲା। କେତେକ କେନ୍ଦ୍ରରେ ଅତିଷ୍ଠ ହୋଇ ଲୋକେ ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳିଥିଲା

### ଇଭିଏମ୍‌ରେ ତ୍ରୁଟି

ଚିତ୍ରକୋଣ୍ଡା,୧୧।୪(ଡି.ଏନ.ଏ.)- ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ୧୧୧ ଓ ୧୧୩ ନମ୍ବର ବୁଥରେ ଇଭିଏମ୍ ଖରାପ ଯୋଗୁ ମତଦାନ ବିଳମ୍ବ ହୋଇଥିଲା। ଫଳରେ ଅନେକ ମତଦାତା ମତଦାନ ନ କରି ଫେରିଯାଇଥିଲେ। ସେହିଭଳି ନୂଆଗୁଡା ବୁଥରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଥିଲା

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ପାପଡାହାଣ୍ଡି, ୧୧।୪(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୋକିଆଠାରେ ବୁଧବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ନେଇ ଥାନାରେ ଏତଲା ହୋଇଛି। ସେ ହେଲେ ମୋକିଆ ଗାଁର ହରିଶ ଚନ୍ଦ୍ର ସୌରାଙ୍କ ସ୍ତ୍ରୀ ପାର୍ବତୀ। ଝିଅକୁ ଶାଶୁ ଘର ଲୋକେ ନିର୍ଯ୍ୟାତନା ଦେଉଥିବା ନେଇ ପାର୍ବତୀଙ୍କ ବଡବାପା ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ତେନ୍ତୁଳିଖୁଣ୍ଟି ବ୍ଲକ ବୋରିଗାଁର ପାର୍ବତୀ ସୌରା ୨୦୧୮ରେ ହରିଶଚନ୍ଦ୍ରଙ୍କୁ ପ୍ରେମ ବିବାହ କରିଥିଲେ। ପାର୍ବତୀଙ୍କ ପେଟ ବ୍ୟଥା ହେଉଥିବା ନେଇ ଶାଶୁଘର ଲୋକେ ବୁଧବାର ସନ୍ଧ୍ୟାରେ ତାଙ୍କ ବଡବାପାଙ୍କୁ ଫୋନରେ କହିଥିଲେ। ସେମାନେ ପାର୍ବତୀଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ସନ୍ଦେହ କରି ପାର୍ବତୀଙ୍କ ବଡବାପା ପୋଲିସରେ ଜଣାଇଥିଲେ। ୫୪/୧୯ରେ ପୋଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ସବ୍‌ଇନ୍ସପେକ୍ଟର ପୁର୍ଣ୍ଣିମା ଟେଟେ ଘଟଣାର ତଦନ୍ତ କରୁଛନ୍ତି।

■ ଜୀବିତ ଲୋକଙ୍କୁ ମୃତ ଦର୍ଶାଯାଇଥିବା ଅଭିଯୋଗ

# ଭୋଟ ଦେଇ ପାରିଲେନି ୫୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ

ମାଲକାନଗିରି/ପଡିଆ,୧୧।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଲକାନଗିରି ନିର୍ବାଚନ ମଣ୍ଡଳୀ ପଡିଆ ବ୍ଲକ ସଦର ମହକୁମାର ୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଭୋଟର ଭୋଟ ଦେଇପାରିନାହାନ୍ତି। ସେମାନଙ୍କୁ ମୃତ ଦର୍ଶାଇ ଭୋଟର ତାଲିକାରୁ ସେମାନଙ୍କ ନାମ କଟାଯାଇଥିବା ଅଭିଯୋଗ ହୋଇଛି। ଭୋଟ ଦେବାକୁ ଆସି ସମ୍ପୃକ୍ତ ଭୋଟରମାନେ ଏହା ଜାଣିବା ପରେ ଭୋଟକେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ଭୋଟରମାନେ ମତଦାନ କେନ୍ଦ୍ରର ପ୍ରିଜାଇଡିଂ ଅଧିକାରୀ, ପଡିଆ ବିଡିଓ ଓ ଆଇଆଇସିଙ୍କ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି। ଭୋଟର କାର୍ଡ ଓ ଆଧାର କାର୍ଡରେ ଆମ ନାମ ଓ ଫଟୋ ଥିବା ବେଳେ ଭୋଟର ତାଲିକାରୁ କିପରି ମୃତ ଦର୍ଶାଇ ଆମ ନାମ କଟାଗଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।



ଭୋଟର ତାଲିକାରେ ନାମ ନ ଥିବା ନେଇ ମତଦାତାମାନେ ଅଭିଯୋଗ କରୁଛନ୍ତି ।




## ବିଚ୍ଛିନ୍ନାଞ୍ଚଳରେ ଲୋକେ ସ୍ୱତଃପ୍ରବୃତ୍ତ ଆସି ଭୋଟ ଦେଲେ

ଚିତ୍ରକୋଣ୍ଡା,୧୧।୪(ଡି.ଏନ.ଏ.)

ଚିତ୍ରକୋଣ୍ଡା ବ୍ଲକର ବିଚ୍ଛିନ୍ନାଞ୍ଚଳରେ ଥିବା କଦଳିବନ୍ଧା, ବିଡାଲ ପାକଁନା, ଯନ୍ତାପାଇ, ଦୋଳିଆମ୍ବ, ଭୀମରାମ, ବଡ଼ପଡା ଲୋକଙ୍କ ମଧ୍ୟରେ ଭୋଟ ଦେବା ପାଇଁ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଥିଲା । ଉଭୟ ମହିଳା ଓ ପୁରୁଷ ଭୋଟ ଦେବାପାଇଁ ଲମ୍ବା ଧାଡିରେ ଛିଡା ହୋଇ ଅପେକ୍ଷା କରିଥିଲେ। ଯନ୍ତାପାଇଠାରେ ୧୭ଟି ଗ୍ରାମପାଇଁ ୬ଟି ବୁଥ ହୋଇଥିଲା । ମାଓବାଦୀଙ୍କ ବିଶେଷ ପ୍ରଭାବ ଥିବା, ପଣସପୁଟ,ଯୋଡ଼ାମ୍ବ, ଅଣ୍ଡିରାପାଲି, କନ୍ତୁରୁପଦରଠାରେ ମତଦାନ ହୋଇ ନ ଥିଲା । ପ୍ରଥମ ଥର ପାଇଁ ବିଚ୍ଛିନ୍ନାଞ୍ଚଳରେ ଲୋକେ ସ୍ୱତପ୍ରବୃତ ଭାବେ ଆସି ଭୋଟ ଦେଉଥିବା ଦେଖିବାକୁ ମିଳିଥିଲା। ଚିତ୍ରକୋଣ୍ଡାରେ ଭୋଟ ଦେବା ବେଳେ ମତଦାନକେନ୍ଦ୍ରରେ କିଛି ସମୟ ଅସନ୍ତୋଷ ପ୍ରକାଶଳ ପାଇଥିଲା। ୨୧୧, ୨୧୨, ୨୧୩ ନମ୍ବର ବୁଥରେ ଏଭିମ ଖରାପ ଯୋଗୁ ଲୋକେ ହଇରାଣ ହୋଇଥିଲେ। ଅନେକ ଭୋଟର ମତଦାନ ନ କରି ଘରକୁ ଚାଲିଯାଇଥିଲେ।




ପାଣ୍ଡ୍ରିପାଣିରେ ମତଦାନ କରିବାକୁ ଏକ ବୁଥରେ ମହିଳାଙ୍କ ଲମ୍ବାଧାଡି ।

## ସନ୍ଧ୍ୟା ୭ଟା ଯାଏ ଚାଲିଲା ମତଦାନ

ପାଣ୍ଡ୍ରିପାଣ,୧୧।୪(ଡି.ନଏ.)- ମାଲକାନଗିରି ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି, ବୀରଲକ୍ଷ୍ମଣପୁର, ମାର୍କାପାଲ୍ଲୀ , ଗଙ୍ଗଲା, ପେଦାୱାଡା ଓ ସେରପାଲି ପଞ୍ଚାୟତର ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡିକରେ ମତଦାନ ଶେଷ ହୋଇଛି। ଗଞ୍ଜେଇବାହାଲରେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା । ପାଣ୍ଡ୍ରିପାଣି ଅଞ୍ଚଳର ବୀରଲକ୍ଷ୍ମଣପୁର, ଗୁଡୁମପଦର, ଥାପାଗୁଡା, ବୁଟିଗୁଡା, ଗଞ୍ଜେଇବାହାଲ, କମଳାପଦର, ମାର୍କାପାଲି ଓ ପାଣ୍ଡ୍ରିପାଣି ବୁଥରେ ସବୁ ମିଶି ହାରାହାରି ୮୬ ପ୍ରତିଶତ ମତଦାନ ହୋଇଛି । ପୁରୁଷଙ୍କଠାରୁ ମହିଳାଙ୍କ ମତଦାନ ହାର ଅଧିକ ରହିଛି ।

## କମିଲା ମତଦାନ ହାର

ମାଲକାନଗିରି,୧୧।୪ (ଡି.ଏନ୍.ଏ.)

ଚଳିତ ନିର୍ବାଚନରେ ମତଦାନ ହାର ୫୦ ପ୍ରତିଶତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହାକୁ ଦେଖିଲେ ୨୦୧୪ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନରେ ମତଦାନ ହାର କମିଛି। ୨୦୧୪ ନିର୍ବାଚନରେ ୭୦ ପ୍ରତିଶତ ମତଦାନ ହୋଇଥିବା ବେଳେ ଚଳିତ ଥର ମତଦାନ ମାତ୍ର ୫୦ ପ୍ରତିଶତ ହୋଇଛି। ଫଳରେ ଚଳିତ ନିର୍ବାଚନରେ ବହୁ ଭୋଟର ମତଦାନ କରି ନ ଥିବା ସ୍ପଷ୍ଟ ହୋଇଛି।

## ୬ଶହରୁ ଊର୍ଦ୍ଧ୍ୱ ମତଦାନରୁ ବଞ୍ଚିତ

କୋରକୋଣ୍ଡା/ବାଲିମେଳା, ୧୧।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକର ସମସ୍ତ ୧୨ଟି ପଞ୍ଚାୟତ ଓ ବାଲିମେଳା ଏନ୍‌ଏସିରେ ଆଜି ଶାନ୍ତିଶୃଙ୍ଖଳା ସହ ଭୋଟ ଗ୍ରହଣ ହୋଇଥିଲା। ତେବେ କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଏମ୍‌ଭି-୧୦୯, ଏମ୍‌ଭି-୩୪ ଗ୍ରାମରେ ନିର୍ଦ୍ଧାରିତ ସମୟରେ ଭୋଟ ଗ୍ରହଣ ନ ହେବାରୁ ୬ଶହରୁ ଊର୍ଦ୍ଧ୍ୱ ଲୋକ ମତଦାନ କରିବାରୁ ବଞ୍ଚିତ ହୋଇଛନ୍ତି। କୋରକୋଣ୍ଡା ବ୍ଲକର ମୋଟ ୫୩ଟି ବୁଥ୍ କରାଯାଇଥିଲାବେଳେ ବାଲିମେଳା ଏନ୍‌ଏସିରେ ୪ଟି ସ୍ଥାନରେ ୧୦ଟି ବୁଥ୍ କରାଯାଇଥିଲା। ବାଲିମେଳା ଏନ୍‌ଏସିସ୍ଥିତ ୧୨ ନମ୍ବର ୱାର୍ଡରେ ମୋଟ ୫୬୦ ଭୋଟରଙ୍କ ମଧ୍ୟରୁ ଅଧିକାଂଶ ମହିଳା ଥିବାରୁ ଏହି ୧୬୩ ନଂ. ବୁଥ୍‌କୁ ପିଙ୍କ୍ ବୁଥ୍ କରାଯାଇଥିଲା। ଏହି ବୁଥ୍‌ରେ ସମସ୍ତ ପୋଲିଂ ପାର୍ଟି ଅଫିସର ମହିଳା ଥିଲେ। ଦିବ୍ୟାଙ୍ଗଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପ୍ରବଳ ଖରା ଯୋଗୁ ତାର୍ଲାକୋଟା ଭୋଟ ଗ୍ରହଣ କେନ୍ଦ୍ରରେ ୨ ମହିଳା ଅସୁସ୍ଥ ହୋଇପଡିଥିବା ଖବର ମିଳିଛି। ବାଲିମେଳାରେ ୭୮୩୧ ମତଦାତାଙ୍କ ମଧ୍ୟରୁ ୫୨୧୨ ଜଣ ମତଦାନ କରିଥିବା ଜଣାପଡିଛି।

## ଇଭିଏମ୍‌ରେ ତ୍ରୁଟି, ମତଦାନ ବାଧାପ୍ରାପ୍ତ

ପାଣ୍ଡ୍ରିପାଣି,୧୧।୪(ଡି.ଏନ.ଏ.)

ମାଲକାନଗିରି ବ୍ଲକ ଅନ୍ତର୍ଗତ ସେରପାଲି, ପାଣ୍ଡ୍ରିପାଣି, ମାର୍କାପାଲି ଓ ବୀରଲକ୍ଷ୍ମଣପୁର ପଞ୍ଚାୟତଗୁଡିକରେ ଗୁରୁବାର ଭୋଟଗ୍ରହଣ ଶେଷ ହୋଇଛି। ଏଠାରେ ହାରାହାରି ୬୦ ପ୍ରତିଶତ ମତଦାନ ହୋଇଛି । ସେରପାଲିର ବୁଥ ନଂ-୩୧ ଓ ଏମଭି-୯୩ରେ ଇଭିଏମ ଓ ଭିଭିପାଟ ମେଶିନରେ ତ୍ରୁଟି ଯୋଗୁ ମତଦାନରେ କିଛି ସମୟ ସମସ୍ୟା ସୃଷ୍ଟି ହୋଇଥିଲା। ସେହିପରି ପାଣ୍ଡ୍ରିପାଣି, ଗଙ୍ଗଲା, ପେଦାୱାଡା, ମାର୍କାପାଲି, ବୀରଲକ୍ଷ୍ମଣପୁର ଓ ସେରପାଲ୍ଲୀ ପଞ୍ଚାୟତଗୁଡିକରେ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ବୀରଲକ୍ଷ୍ମଣପୁର ବୁଥନଂ.- ୪୭ ଓ ମାର୍କାପାଲିର ବୁଥ ନଂ.- ୪୨ରେ ଇଭିଏମ ମେଶିନ ଖରାପ ହେବାରୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା।




## ଭୋଟ ବର୍ଜନ କଲେ ୧୨ଶହ ମତଦାତା

ମାଲକାନଗିରି,୧୧।୪ (ଡି.ଏନ.ଏ.)

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ଥିଲା ମତଦାନ ତାରିଖ। ମାଲକାନଗିରି ଜିଲାରେ ନବରଙ୍ଗପୁର ଲୋକସଭା ଓ ମାଲକାନଗିରି ଏବଂ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟଗ୍ରହଣ ହୋଇଥିଲା। ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଟେଡେଙ୍ଗା ପଞ୍ଚାୟତର କରାପାଲି ଓ ସାନକରାପାଲି ଗ୍ରାମର ୧୨ଶହ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ସେମାନେ ମାଓବାଦୀଙ୍କ ଭୟ ଏବଂ ସ୍ଥାନୀୟ ସମସ୍ୟାକୁ ନେଇ ଭୋଟ ବର୍ଜନ କରିଥିବା ପ୍ରକାଶ କରିଛନ୍ତି।

## ଗୁଳିକରି ସହଯୋଗୀଙ୍କୁ ହତ୍ୟା, ଶିକାରୀ ଗିରଫ

ଭଞ୍ଜନଗର,୧୧।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ରୁଢ଼ାପଦର ଜଙ୍ଗଲରେ ବୁଧବାର ରାତିରେ ଗୁଳିକାଣ୍ଡ ଘଟିଛି। ଜଙ୍ଗଲକୁ ଶିକାର ଉଦ୍ଦେଶ୍ୟରେ ଡାକିନେଇ ସହଯୋଗୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଗୁଳିମାଡ଼ରେ ରୁଢ଼ାପଦରର ଶୁକଦେବ ନାଇକଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତ ଶିକାରୀ କନ୍ଧ ମଲିକଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇଛି। ଅନ୍ୟପକ୍ଷରେ ଶିକାର ସମୟରେ ଭୁଲବଶତଃ ଗୁଳି ଫୁଟିଯିବାରୁ ଶୁକଦେବଙ୍କ ମୃତ୍ୟୁ ଘଟିଲା ବୋଲି କନ୍ଧ ପୋଲିସ ନିକଟରେ ବୟାନ ଦେଇଛନ୍ତି।

ପ୍ରକାଶ ଯେ ଶୁକଦେବ ଓ କନ୍ଧ ଦୁଇ ସାଙ୍ଗ ବୁଧବାର ବିଳମ୍ବିତ ରାତିରେ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ । ଏହି ସମୟରେ କନ୍ଧ ଯୋଜନାବଦ୍ଧ ଭାବେ ଗୁଳିକରି ଶୁକଦେବଙ୍କୁ ହତ୍ୟା କରି ଗ୍ରାମକୁ ଫେରି ଆସିଥିଲେ । ଗୁରୁବାର ସକାଳେ ଘଟଣା ଜଣାପଡିବା ପରେ ମୃତ ଶୁକଦେବଙ୍କ ବାପା ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏ ନେଇ ନଂ.୫୦/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଥିଲା।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

# ଇଭିଏମରେ ୧୬ ପ୍ରାର୍ଥୀଙ୍କ ଭାଗ୍ୟ



ଭାଜପା ବିଧାୟକ ପ୍ରାର୍ଥୀ ମତଦାନ ପାଇଁ ଅପେକ୍ଷା କରିଛନ୍ତି।


କଂଗ୍ରେସ ପ୍ରାର୍ଥୀ ଜଣେ ବୃଦ୍ଧଙ୍କୁ ଭୋଟକେନ୍ଦ୍ରକୁ ନେଉଛନ୍ତି।

**ରାୟଗଡା ଅଫିସ୍, ୧୧।୪**

ରାୟଗଡା ଜିଲାରେ ଗୁରୁବାର ସୁରୁଖୁରୁରେ ନିର୍ବାଚନ ସମ୍ପନ୍ନ ହୋଇଛି । ଜିଲା ନିର୍ବାଚନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟା ୫ଟା ସୁଦ୍ଧା ଜିଲାରେ ୫୨.୭୬ପ୍ରତିଶତ ମତଦାନ ଅନୁଷ୍ଠିତ ହୋଇଛି । ସେଥିମଧ୍ୟରୁ ରାୟଗଡା ନିର୍ବାଚନମଣ୍ଡଳୀରେ ୫୪ପ୍ରତିଶତ, ଗୁଣପୁର ନିର୍ବାଚନମଣ୍ଡଳୀରେ ୬୨ ଓ ବିଷମକଟକ ନିର୍ବାଚନମଣ୍ଡଳୀରେ ୫୦ପ୍ରତିଶତ ମତଦାନ ହୋଇଛି । ଅପରାହ୍ନ ୫ଟା ସୁଦ୍ଧା ଜିଲାର ରାୟଗଡା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୩୭ହଜାର ୨୦୭ଜଣ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୩୦ହଜାର ୩୫୧ଜଣ ଭୋଟଦାନ କରିଛନ୍ତି । ସେହିପରି ବିଷମକଟକ ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୧୯ହଜାର ୬୦୪ଜଣ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୧୧ହଜାର ୫୯୩ଜଣ ଓ ଗୁଣପୁର ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୧୦ହଜାର ୪୨୭ଜଣ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୧୦ହଜାର ୧୨୧ଜଣ ମତଦାନ କରିଥିବା ଜଣାପଡିଛି । ଗୁରୁବାର ସକାଳେ ଜିଲାର

## ରାୟଗଡ଼ା ଜିଲ୍ଲା


ରାୟଗଡ଼ାର ଏକ ବୁଥ୍‌ରେ ମତଦାନ ପାଇଁ ଲୋକଙ୍କ ଭିଡ଼।

୮୭୧ଟି ବୁଥ୍‌ରେ ମକପୋଲ କରାଯିବା ପରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା । ତେବେ କେତେକ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଦେଖାଯିବାରୁ ମଝିରେ ମତଦାନ ପ୍ରଭାବିତ ହୋଇଥିଲା । ଇଭିଏମ୍ ପରିବର୍ତ୍ତନ କରାଯିବା ପରେ ପୁନର୍ବାର ଭୋଟଦାନ ଆରମ୍ଭ ହୋଇଥିଲା । ତେବେ ନିର୍ବାଚନ ସରିବାପରେ ରାୟଗଡା ଓ ବିଷମକଟକର ୫ଜଣ ପ୍ରାର୍ଥୀ ଓ ଗୁଣପୁରର ୬ଜଣ ପ୍ରାର୍ଥୀ ମୋଟ ୧୬ଜଣଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି । ଗୁରୁବାର ମାଓବାଦୀଙ୍କ ପକ୍ଷରୁ ବନ୍ଦ ଡାକରା ଦିଆଯିବା ସହ ନିର୍ବାଚନ ବର୍ଜନ ପାଇଁ ଆହ୍ୱାନ ଦିଆଯାଇଥିଲା । ହେଲେ ଏହାର କୌଣସି ପ୍ରଭାବ ନିର୍ବାଚନ ଉପରେ ପଡିନାହିଁ । ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଭୋଟରମାନେ ମତଦାନ କରିଛନ୍ତି । ପ୍ରତ୍ୟେକ ବୁଥ୍‌ରେ ପୋଲିସ ସହ ସିଆର୍‌ପିଏଫ୍, ବିଏସ୍‌ଏଫ୍, ଡିଭିଏଫ୍ ଓ ଏସଏସ୍‌ବି ଯବାନ୍‌ମାନେ ମୁତୟନ ହୋଇଥିଲେ । ମାଓବାଦୀ ପ୍ରବଣ ଅଞ୍ଚଳରେ ଥିବା ୮୬ଟି ବୁଥ୍‌କୁ ଅତିସମ୍ବେଦନଶୀଳ ଭାବେ ପୋଲିସ ନେଇଥିଲା । ସେହି ବୁଥ୍‌ରେ ସଶସ୍ତ୍ର ପାରାମିଲିଟାରୀ ଫୋର୍ସ ସ୍ୱତନ୍ତ୍ର ଭାବେ ମୁତୟନ ହୋଇଥିଲେ । ଏତଦ୍‌ବ୍ୟତୀତ ବ୍ୟାପକ ପରିମାଣରେ ପୋଲିସ ଅଫିସ୍‌ରଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା । ଜିଲାପାଳ ପ୍ରମୋଦ କୁମାର ବେହେରା ଓ ଏସ୍‌ପି ଡା. ଶ୍ରବଣ ବିବେକ ଏମ୍ ବିଭିନ୍ନ ସମ୍ବେଦନଶୀଳ ବୁଥ୍‌କୁ ଯାଇ ସ୍ଥିତି ପରଖିଥିଲେ । ପ୍ରକାଶ ଥାଉକି, ୨୦୧୪ ନିର୍ବାଚନରେ ସମଗ୍ର ଜିଲାରେ ୭୭.୪୩ ପ୍ରତିଶତ ମତଦାନ ହୋଇଥିଲା ।

## ସଂକ୍ଷେପରେ



### ଗୁଡ଼ାରୀରେ ୫୫ ପ୍ରତିଶତ ମତଦାନ

**ଗୁଡ଼ାରୀ,୧୧।୪(ଡ଼ି.ଏନ.ଏ):** ଗୁଡ଼ାରୀ ବ୍ଲକ ଓ ଏନଏସିର ମୋଟ ୪୪ଟି ବୁଥ୍‌ରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି । ଅସଡ଼ା ବୁଥ୍‌ରେ ଇଭିଏମ କାମ ନ କରିବାରୁ ପ୍ରାୟ ୧ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା । ସେହିପରି ଗୁଡ଼ାରୀର ୫୬ ନମ୍ବର ବୁଥ୍‌ରେ ମଧ୍ୟ ଏକ ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା । ଗୁଡ଼ାରୀ ବ୍ଲକରେ ୫୫ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା । ବିଜେଡ଼ି ବିଧାୟକ ରଘୁନାଥ ଗମାଙ୍ଗ ବ୍ଲକର ବିଭିନ୍ନ ବୁଥ୍ ବୁଲି ଦେଖିଥିଲେ ।

### ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଜଗନ୍ନାଥ ପ୍ରସାଦ,୧୧।୪(ଡି.ଏନ୍.ଏ.):** ଜଗନ୍ନାଥପ୍ରସାଦ ଥାନା ନୂଆକମସର ଗ୍ରାମ ନିକଟ କାଜୁ ଜଙ୍ଗଲରୁ ଗୁରୁବାର ସକାଳେ ପ୍ରେମୀ ଯୁଗଳଙ୍କ ମୃତଦେହ ଉଦ୍ଧାର କରିଛି ଜଗନ୍ନାଥପ୍ରସାଦ ପୋଲିସ। ମୃତକ ହେଲେ ଖଇରପଟି ଗ୍ରାମର ସରସ୍ୱତୀ ନାଇକ(୧୮) ଏବଂ ପୁଅଟି ଅଲସୁ ଗ୍ରାମର ପୀତବାସ ନାଇକ(୨୧)। ନଂ.୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୁରୁବାର ସକାଳ ପ୍ରାୟ ୯ଟାରେ କାଜୁ ଜଙ୍ଗଲରେ ଜଣେ ଯୁବତୀ ଓ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଗନ୍ନାଥପ୍ରସାଦ ଥାନାରେ ଖବର ପହଞ୍ଚିଥିଲା। ଆଇଆଇସି ଯୁବରାଜ ସ୍ୱାଇଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲେ। ମୃତ ସରସ୍ୱତୀ ଖଇରପଟି ଗ୍ରାମର ଓ ସେ ଅଲସୁ ଗ୍ରାମରେ ଭଉଣୀ ଆସି କିଛିଦିନ ହେବ ରହୁଥିଲେ। ସେଠାରୁ କିଛି ଦୂରରେ ପୀତବାସଙ୍କ ଘର। ସେମାନେ ପରସ୍ପରକୁ ଭଲ ପାଉଥିଲେ। ବୁଧବାର ଅପରାହ୍ନରୁ ଦୁହେଁ ଫେରି ନ ଥିବାବେଳେ ଗୁରୁବାର ସକାଳୁ ଅଞ୍ଚଳର କିଛି ଲୋକେ ଜଙ୍ଗଲ ପାଖ ନାଳକୁ ଶୌଚ ପାଇଁ ଯାଇଥିବାବେଳେ ଉଭୟଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖି ଥାନାକୁ ଜଣାଇଥିଲେ। ପ୍ରାଥମିକ ତଦନ୍ତରୁ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ଏସ୍‌ଆଇ ବାସୁଦେବ ଭୋଇ ସୂଚନା ଦେଇଛନ୍ତି।

### ବଜ୍ରପାତରେ ମହିଳା ମୃତ

**ହିଞ୍ଜିଳିକାଟୁ,୧୧।୪(ଡି.ଏନ୍.ଏ):** ହିଞ୍ଜିଳି ଥାନା କୋଳିଦାସପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁମାରୀ ରାଉତ(୫୨)। କୁମାରୀ ସନ୍ଧ୍ୟାରେ ନିଜର ପଦରକୁ ଯାଇ ପରିବା ନେଇ ଘରକୁ ଫେରିବା ବେଳେ ବାଟରେ ବଜ୍ରପାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ଦାରିଙ୍ଗବାଡ଼ି,୧୧।୪(ଡି.ଏନ.ଏ):** ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀଙ୍କ କନ୍ଧମାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ସେ ହେଲେ ମିନା କୁମାରୀ ନାୟକ। ତାଙ୍କ ଘର ରାଇକିଆ ବ୍ଲକ ଦିଗ୍ ଅଞ୍ଚଳରେ। ଅସୁସ୍ଥତା କାରଣରୁ ସେ ମଙ୍ଗଳବାର ଠାରୁ ଛୁଟି ନେଇ ଚିକିତ୍ସା ପାଇଁ ଯାଇଥିଲେ।

# ମାଓବାଦୀ ଭୟରେ ଡଙ୍ଗରିଆ ଦେଲେନି ଭୋଟ

**ରାୟଗଡା ଅଫିସ୍, ୧୧।୪**

ଗୁରୁବାର ଭୋଟ ବର୍ଜନ ଓ ବନ୍ଦ ପାଳନ କରିବା ପାଇଁ ମାଓବାଦୀମାନଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା । ଏହାର ପ୍ରଭାବ ପଡିଛି ନିୟମଗିରି ପାହାଡରେ। ନିୟମଗିରି ପାହାଡରେ ବସବାସ କରୁଥିବା ପାର୍ସେଲି ପଞ୍ଚାୟତର ଲାଖପଦର, ପାଟାଙ୍ଗପଦର ଓ ମିଶିଖାଲ ୩ ଖଣ୍ଡ ଗ୍ରାମର ଡଙ୍ଗରିଆ ଭୋଟଦାନରୁ ବିରତ ରହିଛନ୍ତି । ମାଓବାଦୀଙ୍କ ଭୟରେ ଭୋଟଦାନ କରି ନ ଥିବା ଜଣାପଡିଛି । ତେବେ ବୁଡୁଟି ବୁଥ୍‌ରେ ଥିବା ଅନ୍ୟ ଗ୍ରାମବାସୀ ମତଦାନ କରିଥିଲେ । ବୁଡୁଣି ବୁଥ୍‌ରେ ୫୬୨ଜଣ ଭୋଟରଙ୍କ ମଧ୍ୟରୁ ୨୫୮ଜଣ ମତଦାନ କରିଛନ୍ତି ।

# ଇଭିଏମ ଅଚଳ ନେଇ ଅସନ୍ତୋଷ

**ଚନ୍ଦ୍ରପୁର,୧୧।୪(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଅଧିକାଂଶ ବୁଥ୍‌ରେ ଗୁରୁବାର ଶାନ୍ତିଶୃଙ୍ଖଳାର ସହ ମତଦାନ ସରିଛି । ଗ୍ରୀଷ୍ମଦାଉରୁ ରକ୍ଷା ଲାଗି ପ୍ରଶାସନ ତରଫରୁ ଅଧିକାଂଶ ବୁଥରେ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । ଏନେଇ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ସେହିପରି ଡ଼ାଙ୍ଗସୋରଡ଼ା ପଞ୍ଚାୟତ ଅନ୍ତର୍ଗତ ବୁଥ୍ ନଂ ୪ରେ ୩୭୮ ଜଣ ଭୋଟରଙ୍କ ମଧ୍ୟରୁ ୧୩୮ ଭୋଟର ଭୋଟ ଦେବା ପରେ ହଠାତ୍ ଇଭିଏମ ଅଚଳ ହୋଇଯାଇଥିଲା । ବହୁ ସମୟ ଧରି ଭୋଟର ଅପେକ୍ଷା କରି ହଇରାଣ ହୋଇଥିଲେ ବୋଲି ବାଲକାବାଜୁ ବୁଥର ଭୋଟର ଶ୍ରୀଧର କୁଶୁଲିଆ,ସତ୍ୟନାରାୟଣ ପ୍ରତିକା ପ୍ରକାଶ କରିଛନ୍ତି। ବାଲକାବାଜୁ ବୁଥର ଦାୟିତ୍ୱରେ ଥିବା ପ୍ରିଜାଇଡ଼ିଂ ଅଫିସର ସୁରେନ୍ଦ୍ର କୁମାର ପାଢୀ, ଚନ୍ଦ୍ରପୁର ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କୁ ଅବଗତ କରାଯିବା ପରେ ଦୀର୍ଘ ୨ ଘଣ୍ଟା ପରେ ଜଣେ ଯନ୍ତ୍ରୀଙ୍କ ସହାୟତାରେ ଇଭିଏମ ଠିକ୍ କରାଯାଇଥିଲା । ପରେ ଭୋଟ କାର୍ଯ୍ୟ ସୁରୁଖୁରୁରେ ଚାଲୁ ରହିଥିଲା । ସେହିପରି ବୁଡ଼ିବାଲି ପଞ୍ଚାୟତ ସଦର ମହକୁମାରେ ମଧ୍ୟ ଇଭିଏମରେ ତ୍ରୁଟି ଯୋଗୁ ଭୋଟରମାନଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା ବୋଲି ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭୀମ ଗଗେରେଙ୍ଗା କହିଛନ୍ତି । ସେହିପରି ପିସ୍କାପଙ୍ଗା, ଡ଼ାଙ୍ଗସୋରଡ଼ାରେ ମଧ୍ୟ ଇଭିଏମ ତ୍ରୁଟି ଯୋଗୁ ୧ ଘଣ୍ଟା ବିଳମ୍ବରେ ମତଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।


ଭୋଟ ଦେବା ପାଇଁ ମହିଳାମାନେ ଅପେକ୍ଷା କରିଛନ୍ତି ।

# ଇଭିଏମ୍ ଖରାପ, ୨ ଘଣ୍ଟା ବିଳମ୍ବରେ ମତଦାନ


ପଦ୍ମପୁରର ଏକ ବୁଥ୍‌ରେ ଲୋକେ ଭୋଟ ଦେବା ପାଇଁ ଧାଡ଼ିରେ ଅଛନ୍ତି ।

**ପଦ୍ମପୁର,୧୧।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକର ଖମାପଦର ପଞ୍ଚାୟତ ବିରିପଦର ପୋଲିଂ ବୁଥରେ ଗୁରୁବାର ସକାଳ ୭ଟାରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା । ଲୋକେ ଠିକ୍ ସମୟରେ ଭୋଟ କେନ୍ଦ୍ରରେ ପଞ୍ଚିଥିଲେ । ହେଲେ ଇଭିଏମ ଖରାପ ଯୋଗୁ ୨ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ସେହିପରି ପଦ୍ମପୁର ବାଳିକା ବିଦ୍ୟାଳୟ, ପଦ୍ମପୁର ବାଳକ ବିଦ୍ୟାଳୟ, ଲିମାପଦର ବିନୋଦ ନଗର ବୁଥ୍‌ରେ ମଧ୍ୟ ଇଭିଏମରେ ସାମାନ୍ୟ ତ୍ରୁଟି ଯୋଗୁ ମତଦାନ ବିଳମ୍ବ ଘଟିଥିଲା । ପ୍ରଚଣ୍ଡ ଖରାରେ ମଧ୍ୟ ମହିଳା, ବୃଦ୍ଧା ଓ ଦିବ୍ୟାଙ୍ଗ ଭୋଟର ଭୋଟ ଦେଇଥିଲେ । ଏହି ସମୟରେ କେତେକ ବୁଥ୍‌ରେ ପିଇବା ପାଣିର ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ହଇରାଣ ହୋଇଥିଲେ। ପଦ୍ମପୁରର ୧୧୮ ଓ ୧୧୯ ନମ୍ବର ବୁଥ୍‌ରେ ପାଣି ଓ ଶୌଚାଳୟର ବ୍ୟବସ୍ଥା ନ ଥିବାରୁ ପୋଲିଂ ପାର୍ଟି ଅଫିସର ସମସ୍ୟା ସମ୍ପର୍କରେ ବ୍ଲକ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ । ପରେ ପାଣି ଟାଙ୍କି ଜରିଆରେ ଜଳ ଯୋଗାଇ ଦିଆଯାଇଥିଲା। ପଦ୍ମପୁର ବ୍ଲକର ମୋଟ ୪୦,୧୫୨ ଜଣ ଭୋଟରଙ୍କ ମଧ୍ୟରୁ ପୁରୁଷ ୧୯୬୮୩ ଓ ମହିଳା ୨୦,୪୬୯ ଥିଲେ। ଏଠାରେ ୭୨.୫ ପ୍ରତିଶତ ମତଦାନ ହୋଇଥିବା ପଦ୍ମପୁର ବ୍ଲକ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

## ହିଞ୍ଜିଳିକାଟୁ ଅଞ୍ଚଳରେ ହାତୀ ଆତଙ୍କ

**ହିଞ୍ଜିଳିକାଟୁ, ୧୧।୪ (ଡି.ଏନ୍.ଏ)**

ହିଞ୍ଜିଳିକାଟୁ ବ୍ଲକର ବଳରାମପୁର ଗ୍ରାମରେ ଗୁରୁବାର ହାତୀପଲ ପଶି ଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ବଳରାମପୁର ଗ୍ରାମ ନିକଟ ଖଇରବେଠି ପାହାଡ଼କୁ ୧୨ଟି ହାତୀ ଆସିଥିବା ଖବର ପାଇ ହିଞ୍ଜିଳିକାଟୁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭୋରରେ ଏହି ହାତୀ ପଲ ବ୍ରହ୍ମପୁର ନିକଟ ଟାମଣା-ଜିଲିଗୁଡ଼ା ଜଙ୍ଗଲରୁ କୁକୁଡ଼ାଖଣ୍ଡି ବ୍ଲକର ବାଲିପଡ଼ା-କାଲୁଆ ରୋଡ଼ ଦେଇ ବଳରାମପୁର ଗ୍ରାମ ନିକଟ ଖଇରବେଠି ପାହାଡ଼ରେ ଥିବା ଜଣାପଡ଼ିଛି। ବ୍ରହ୍ମପୁର ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ଫରେଷ୍ଟର ରାଜୀବ ଲୋଚନ ପାତ୍ର, ପ୍ରଦୀପ କୁମାର ପଣ୍ଡା, କମଳକାନ୍ତ ପାତ୍ରଙ୍କ ସହ ହିଞ୍ଜିଳିକାଟୁ ବନ ବିଭାଗ ବିଟ ହାଉସ କର୍ମଚାରୀ ଓ ପାରା ଫରେଷ୍ଟର କର୍ମଚାରୀଙ୍କ ହାତୀପଲକୁ ଜଙ୍ଗଲକୁ ଘଉଡ଼ାଇବାର ଉଦ୍ୟମ ଜାରି ରହିଛି।

# କାଶୀପୁରରେ ୬୦% ମତଦାନ

**ଟିକିରି, ୧୧।୪ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଅନୁଷ୍ଠିତ ହୋଇଛି । ବ୍ଲକରେ ୬୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିବା ଜଣାଯାଇଛି। ଗୋଡ଼ିବାଲି, ଶିରିପାଇ, କାଳିଆପଡା , ଜିଲାମାଳ ଆଦି ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଦେଖାଦେବାରୁ ଭୋଟ ଗ୍ରହଣରେ ବିଳମ୍ବ ହୋଇଥିଲା। ଗୋଡିବାଲି ଭୋଟ କେନ୍ଦ୍ରରେ ଇଭିଏମ୍ ତ୍ରୁଟି ଯୋଗୁ ଦୁଇ ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ କରାଯାଇଥିଲା। ସେହିପରି ଦୁଡୁକାବାହାଲ ପଞ୍ଚାୟତ ସଦରସ୍ଥିତ ୧୩୪ ନମ୍ବର ବୁଥ୍‌ରେ ଅପରାହ୍ନ ୧୧ଟା ସୁଦ୍ଧା ୫ ଶହ ଭୋଟରଙ୍କ ମଧ୍ୟରୁ ମାତ୍ର ୨୮ ଜଣ ଭୋଟ ଦେଇଥିଲେ। ପୂର୍ବରୁ ଉକ୍ତ ପଞ୍ଚାୟତବାସୀ ଅଞ୍ଚଳର ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ । ଏନେଇ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀଙ୍କୁ ଜଣାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଟିକିରିସ୍ଥିତ ଗୋକୁଳମୁଣ୍ଡା ବୁଥ୍‌ରେ ଅଧିକ ସଂଖ୍ୟକ ମତଦାତା ଥିବାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ ଚାଲିଥିଲା। କାଶୀପୁର ବ୍ଲକର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ପୂର୍ଣ୍ଣବତୀ ମାଝି ଦୁଡୁକାବାହାଲ ପଞ୍ଚାୟତ ମହୁଲଗୁଡା ବୁଥ୍ ନଂ ୧୫୭ କ୍ରମିକ ନଂ ୭୦୨ରେ ନିଜର ଭୋଟ ଦେଇଥିଲେ। ସେହିପରି ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲି ମଧ ଡଙ୍ଗାସିଲ ପଞ୍ଚାୟତର ଅଣଗାର ଭୋଟ କେନ୍ଦ୍ରରେ ଭୋଟ ଦେଇଥିଲେ ।


କାଶୀପୁର ବ୍ଲକର ଏକ ବୁଥ୍‌ରେ ମତଦାନ କରିବାକୁ ଲୋକେ ଲାଇନ କରିଛନ୍ତି ।


ମୁନିଗୁଡାରେ ମହିଳାମାନେ ସେମାନଙ୍କର ଭୋଟର ପରିଚୟ ପତ୍ର ଦେଖାଉଛନ୍ତି ।

## ଶାନ୍ତିଶୃଙ୍ଖଳା ସହ ସରିଲା ଭୋଟ ଗ୍ରହଣ

**ମୁନିଗୁଡ଼ା,୧୧।୪(ଡ଼ି.ଏନ.ଏ)**

ମୁନିଗୁଡ଼ାରେ ଉଭୟ ଲୋକସଭା ଓ ବିଧାନସଭା ଆସନ ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ମୋଟ ୭୭ ବୁଥ୍‌ରେ ମତଦାନ ଅନୁଷ୍ଠିତ ହୋଇଥିଲା । ସେଥିମଧ୍ୟରୁ ୧୫ଟି ସମ୍ବେଦନଶୀଳ ବୁଥ୍‌ରେ ସିସିଟିଭି ଲଗାଯିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ଏଠାରେ ୭୫ ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି । ଚଳିତ ନିର୍ବାଚନରେ ନୂତନ ଭୋଟର, ଯୁବପିଢ଼ି, ବିଶେଷକରି ମହିଳାମାନେ ନିଜ ଭୋଟ ସାବ୍ୟସ୍ତ କରିବାକୁ ଉତ୍ସାହ ଥିବା ଦେଖିବାକୁ ମିଳିଥିଲା । ମୁନିଗୁଡ଼ା ଏମଇ ସ୍କୁଲରେ ଆଦର୍ଶ ବୁଥ୍ କରାଯାଇ ସେଠାରେ ଦିବ୍ୟାଙ୍ଗ ଓ ବୃଦ୍ଧାବୃଦ୍ଧମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ।

# ୭ କି.ମି ଦୂରରେ ବୁଥ୍, ଲୋକେ ଅସନ୍ତୋଷ

**ଗୁଣପୁର,୧୧।୪(ଡି.ଏନ.ଏ)**

ଗୁଣପୁରରେ ଗୁରୁବାର ୬୨ ପ୍ରତିଶତ ମତଦାନ ହୋଇଛି । ଗୁଣପୁରଠାରେ ୧,୧୦,୧୨୧ ଏବଂ ବିଷମକଟକଠାରେ ୧,୧୧,୫୯୩ଭୋଟର ମତଦାନ କରିଥିବା ଜଣାପଡିଛି । ସନ୍ଧ୍ୟାରେ ପ୍ରବଳ ବର୍ଷା ସହ ଘଡଘଡି ଯୋଗୁ ପୋଲିଂ ଦଳମାନଙ୍କୁ ହଇରାଣ ହେବାକୁ ପଡିଥିଲା । ସେହିପରି ସକାଳେ ବିଭିନ୍ନ କେନ୍ଦ୍ରରେ ଇଭିଏମରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଳମ୍ବରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା । ରେଗେଡା ପଞ୍ଚାୟତ ବଡଗୁଡାର ଲୋକମାନଙ୍କ ଲାଗି ନାଉଡାଠାରେ ଭୋଟ କେନ୍ଦ୍ର ହୋଇଥିଲା । ପ୍ରତି ନିର୍ବାଚନରେ ବଡଗୁଡା ଗ୍ରାମର ଲୋକଙ୍କ ପାଇଁ ନିକଟସ୍ଥ ରେଗେଡାଠାରେ ମତଦାନ କେନ୍ଦ୍ର କରାଯାଉଥିଲା । ହେଲେ ଚଳିତ ବର୍ଷ ୭ କିମି ଦୂର ନାଉଡା ଠାରେ ଭୋଟ କେନ୍ଦ୍ର କରାଯିବା ଏବଂ ଯାତାୟାତ ନ ଥିବା ଯୋଗୁ ଭୋଟରଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଥିଲା । ସେହିପରି ଡମ୍ବସରା ପଞ୍ଚାୟତ ଲବା ଗ୍ରାମଠାରେ ୩ୟ ପୋଲିଂ ଅଫିସରଙ୍କ ହଠାତ୍ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ପଠାଯାଇଥିଲା। ଗୁଣପୁର ଏବଂ ବିଷମକଟକ ନିର୍ବାଚନ ମଣ୍ଡଳୀରେ କମ ସଂଖ୍ୟାରେ ମତଦାନ ହୋଇଛି । ଗୁଣପୁରର ୬ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଯାଇଛି ।



ଭୋଟକେନ୍ଦ୍ରରେ ଗୁଣପୁରର କଂଗ୍ରେସ ପ୍ରାର୍ଥୀ ପୁରୁଷୋତ୍ତମ ଗମାଙ୍ଗ ।

# ମେଶିନରେ ଯାନ୍ତ୍ରିକ ତ୍ରୁଟି, ବିଳମ୍ବରେ ଭୋଟ ଗ୍ରହଣ

**ଜେକେପୁର,୧୧।୪(ଡ଼ି.ଏନ.ଏ)**

ରାୟଗଡା ଜିଲା ଚାନ୍ଦିଲି ପଞ୍ଚାୟତର ୧୪ଟି ବୁଥ୍‌ରେ ଗୁରୁବାର ଶାନ୍ତି ଶୃଙ୍ଖଳା ସହ ଭୋଟ ଗ୍ରହଣ ଶେଷ ହୋଇଛି। ସକାଳେ ପ୍ରତ୍ୟେକ ଭୋଟକେନ୍ଦ୍ରଗୁଡିକରେ ପୋଲିଂ ଟିମ୍ ବୁଥ୍ ଏଜେଣ୍ଟଙ୍କ ସମ୍ମୁଖରେ ମକପୁଲ କରିଥିଲେ । ପରେ ନିର୍ଦ୍ଧାରିତ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଭାକୁରଗୁଡା ବୁଥ ନମ୍ବର ୧୨୨ରେ ଲୋକ ସଭା ନିମନ୍ତେ ଭୋଟଗ୍ରହଣ ଆରମ୍ଭ ହୋଇଥିଲା । ହେଲେ ମାତ୍ର ୪ ଜଣ ମତଦାନ କରିବା ପରେ ଭିଭିପିଏଟିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଦୀର୍ଘ ୨ ଘଣ୍ଟା ପରେ ତ୍ରୁଟି ଥିବା ଭିଭିପିଏଟିକୁ ବଦଳାଇ ପୁଣିଥରେ ଭୋଟଗ୍ରହଣ କରାଯାଇଥିଲା। ସେହିପରି ବୀରନାରାୟଣପୁର, କୁଲଜିଙ୍ଗର ବୁଥରେ ଅଧ ଘଣ୍ଟା ଓ କୋତାପେଟାର ବୁଥ ନମ୍ବର ୧୨୫ରେ ମଧ ମେଶିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦୀର୍ଘ ଦୁଇଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଯାହାକୁ ନେଇ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେହିପରି ପେଣ୍ଟ ସଦର ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବୁଥ ନମ୍ବର ୯୧ରେ ରାୟଗଡାର ବିଜେଡି ବିଧାୟକ ପ୍ରାର୍ଥୀ ଲାଲବିହାରୀ ହିମିରିକାଙ୍କ ସମେତ ତାଙ୍କ ପରିବାର ସମସ୍ତେ ମତଦାନ କରିଥିଲେ । ଏଠାରେ ମଧ ଭୋଟ ଗ୍ରହଣରେ ଅଧଘଣ୍ଟା ବିଳମ୍ବ ହୋଇଥିଲା। ଚାନ୍ଦିଲି ଥାନା ଅଧୀନରେ ଥିବା ସମସ୍ତ ବୁଥଗୁଡିକରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।


ଭାକୁରଗୁଡାଠାରେ ତ୍ରୁଟିଥିବା ଭିଭିପିଏଟିକୁ ବଦଳାଯାଇ ନୂତନ ଭିଭିପିଏଟି ଲଗାଯାଉଛି ।